C. S. (Main) Exam : 2011

Sl. No.

D-DTN-L-PSB

# ORIYA

## Paper II

## (Literature)

*Time Allowed : Three Hours* | *Maximum Marks : 300*

---

### INSTRUCTIONS

*Candidates should attempt Question Nos. 1 and 5 which are compulsory, and any **three** of the remaining questions, selecting at least **one** question from each Section.*

*The number of marks carried by each question is indicated at the end of the question.*

*Answers must be written in **Oriya**.*

---

(Contd.)

## Section 'A'

1. ନିମ୍ନ ପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର । (ପ୍ରତ୍ୟେକ ଆଲୋଚନା 150 ଶବ୍ଦ ମଧ୍ୟରେ ଲେଖିବାକୁ ହେବ ।) 15×4=60

   (a) ଅବଧୂତଙ୍କ ଚବିଶଗୁରୁଙ୍କ ବର୍ଣ୍ଣନା ମାନବ ସମାଜ ପାଇଁ କେଉଁ ଦୀକ୍ଷା ଓ ଶିକ୍ଷା ଉପରେ ପ୍ରତିଷ୍ଠିତ — ଆଲୋଚନା କର ।

   (b) ସିଂହଳ ଦ୍ୱୀପ ବର୍ଣ୍ଣନାରେ ଉପେନ୍ଦ୍ର ଭଞ୍ଜଙ୍କର ଅନାବିଳ କବିତ୍ୱର ପରିଚୟ ପ୍ରଦାନ କର ।

   (c) 'ଚନ୍ଦ୍ରଭାଗା'ରେ ଉତ୍କଳୀୟ ପ୍ରକୃତିର ସ୍ୱରୂପ ଆକଳନ କର ।

   (d) 'ସପ୍ତମ ଋତୁ'ରେ କବି ରମାକାନ୍ତ ରଥଙ୍କ ଜୀବନ ପ୍ରତି ଦୃଷ୍ଟିଭଙ୍ଗୀର ପରିଚୟ ପ୍ରଦାନ କର ।

2. (a) "ଲୋକ-ଜୀବନ-ବେଦ ଭାବରେ ସାରଳା ମହାଭାରତ ପରିଚିତ" — 'ଶାନ୍ତିପର୍ବ' ଅବଲମ୍ବନରେ ଏ ଉକ୍ତିକୁ ସମୀକ୍ଷା କର ।

   (b) 'ଯଦୁ ଅବଧୂତ ସମ୍ବାଦ' ଅବଲମ୍ବନରେ ଆଦର୍ଶ ଜୀବନ ଯାପନ ପାଇଁ ଉତ୍ତମ ଗୁରୁର ଆବଶ୍ୟକତା ସମ୍ପର୍କରେ ଅନୁଶୀଳନ କର । 30×2=60

3. (a) ସ୍ଥିତିବାଦୀ ଚେତନାର ସ୍ୱର କିଭଳି 'କବିତା-୧୯୬୨'ରେ ପ୍ରତିଫଳିତ ହୋଇଛି — ଆଲୋଚନା କର ।

   (b) ଡକ୍ଟର ମାୟାଧର ମାନସିଂହଙ୍କ 'ଜୀବନ ଚିତା' କବିତାଗ୍ରନ୍ଥରୁ କବିଙ୍କ ରୋମାଣ୍ଟିକ ଚିନ୍ତାଧାରାର ପରିଚୟ ଦିଅ । 30×2=60

4. (a) ''କବି ଦୀନକୃଷ୍ଣ ପେଟ ପାଇଁ ଛଟପଟ ହୋଇଛନ୍ତି, ଭକ୍ତିବାଟରୁ ବିଚ୍ୟୁତ ହୋଇ ଯାଇଛନ୍ତି, କେତେବେଳେ ଅଦୃଶ୍ୟ ନଟ, କେତେବେଳେ ବଧିର ଭାଟ' ପରି ହୋଇଛି ତାଙ୍କର ଆଚରଣ'' — ଏ ଉକ୍ତିର ତାତ୍ତ୍ୱିକ ବିଶ୍ଳେଷଣ କର ।

(b) 'ଲାବଣ୍ୟବତୀ' କାବ୍ୟର ପ୍ରଥମ ଓ ଦ୍ୱିତୀୟ ଛାନ୍ଦକୁ ଆଧାର କରି କବିଙ୍କ ସୌନ୍ଦର୍ଯ୍ୟବୋଧର ସ୍ୱରୂପ ବିଶ୍ଳେଷଣ କର ।

30×2=60

## Section 'B'

5. ନିମ୍ନ ପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର । (ପ୍ରତ୍ୟେକ ଆଲୋଚନା 150 ଶବ୍ଦ ମଧ୍ୟରେ ଲେଖିବାକୁ ହେବ ।) 15×4=60

(a) ''ମୁଁ ସର୍ବଶେଷ ବୁଦ୍ଧ ନୁହେଁ'' — ଏହି ଉକ୍ତିର ସାର୍ଥକତା 'ତଟ ନିରଞ୍ଜନା' ଆଧାରରେ ଆଲୋଚନା କର ।

(b) 'ମରାଳର ମୃତ୍ୟୁ'ରେ ବୌଦ୍ଧଯୁଗର ଅବକ୍ଷୟର ଚିତ୍ର କିପରି ପ୍ରତିଫଳିତ ବର୍ଣ୍ଣନା କର ।

(c) ଏକ ସାର୍ଥକ ବାସ୍ତବଧର୍ମୀ ଉପନ୍ୟାସ ଭାବରେ 'ଦାନାପାଣି'ର ସ୍ୱରୂପ ଆକଳନ କର ।

(d) 'ମୁଁ ସତ୍ୟଧର୍ମା କହୁଛି'ରେ ପ୍ରତିଫଳିତ ପ୍ରାବନ୍ଧିକଙ୍କ ଜୀବନାଦର୍ଶର ପରିଚୟ ପ୍ରଦାନ କର ।

6. (a) 'କାଠ ଘୋଡ଼ା'ରେ ଲୋକନାଟ୍ୟ ଶୈଳୀର ପ୍ରୟୋଗ କେତେଦୂର ସଫଳ ହୋଇଛି — ବିଚାର କର ।

(b) ''ବୌଦ୍ଧଧର୍ମ ଦର୍ଶନର ପ୍ରାସଙ୍ଗିକତା ଏବେ ସୁଦ୍ଧା ଆମ ସମାଜରେ ରହିଅଛି'' — ଏହି ଭାବଧାରା ଅନୁସରଣରେ ବିଜୟ ମିଶ୍ରଙ୍କ 'ତଟ ନିରଞ୍ଜନା' ନାଟକର ମୂଲ୍ୟାୟନ କର ।

30×2=60

7. (a) ''ଫକୀର ମୋହନଙ୍କ ଉପନ୍ୟାସଗୁଡ଼ିକ ଗଳ୍ପପ୍ରଧାନ ନୁହେଁ, ଚରିତ୍ରପ୍ରଧାନ'' — 'ଛମାଣ ଆଠଗୁଣ୍ଠ' ଅବଲମ୍ବନରେ ଏହାର ସତ୍ୟତା ପ୍ରମାଣ କର ।

(b) ସରକାରୀ ଚାକିରିରେ ଯେନ ତେନ ପ୍ରକାରରେ ପଦୋନ୍ନତିର ଯେଉଁ ଲାଳସା 'ଦାନାପାଣି' ଉପନ୍ୟାସରେ ଦେଖିବାକୁ ମିଳେ, ତା'ର ସ୍ୱରୂପ ବିଶ୍ଳେଷଣ କର । 30×2=60

8. (a) ''ମାନବେତର ଚରିତ୍ର ମାଧ୍ୟମରେ ମାନବିକତାବୋଧର ରୂପାୟନ ମନୋଜ ଦାସଙ୍କ ଗଳ୍ପର ପ୍ରାଣକେନ୍ଦ୍ର'' — ଏ ସମ୍ପର୍କରେ ସ୍ୱୀୟ ମତାମତ ପ୍ରଦାନ କର ।

(b) 'ମରାଳର ମୃତ୍ୟୁ' ଗଳ୍ପଗ୍ରନ୍ଥରୁ ଆଧୁନିକ ଜୀବନ ପ୍ରତି ଗାଳ୍ପିକଙ୍କ ଦୃଷ୍ଟିକୋଣର ପରିଚୟ ଦିଅ । 30×2=60

---